ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/STSC Dev(OD)/1190/01-02-2021

# ଆଦିବାସୀ ମେଳା ଅବସରରେ ଘରେ ଘରେ ଆଦିବାସୀ ନୃତ୍ୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ତା.୦୧/୦୨/୨୦୨୧

ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଜାନୁଆରୀ ୨୬ ତାରିଖଠାରୁ ଆଦିବାସୀ ମେଳା-୨୦୨୧ ଆରମ୍ଭ ହୋଇଛି । ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଘରେ ବସି ଭର୍ଚୁଆଲ୍ ମୋଡ୍‌ରେ ଦେଖିପାରିବେ । ଚଳିତ ବର୍ଷର ମେଳା ଉଭୟ ପ୍ରତ୍ୟକ୍ଷ ଓ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହେଉଛି । ଆଦିବାସୀ ମେଳାର ୱେବ୍‌ସାଇଟ୍ http//:www.adivasimela2021.com କୁ ଯାଇ ଘରେ ଘରେ ଆଦିବାସୀ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିପାରିବେ । ସର୍ବସାଧାରଣ ଏହି ୱେବ୍‌ସାଇଟ୍ ମାଧ୍ୟମରେ ବିଭିନ୍ନ ଜନଜାତିଙ୍କର ଚମତ୍କାର ଓ ବିରଳ ନୃତ୍ୟ ଦେଖିପାରିବେ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସୂତ୍ରରୁ ପ୍ରକାଶ ।

ଜାନୁଆରୀ ୨୬ ତାରିଖ ଉଦ୍‌ଘାଟନୀ ଦିବସର ସନ୍ଧ୍ୟାରେ ଭୋତଡ଼ା ଜନଜାତିଙ୍କ ବାଲିପରବ ନୃତ୍ୟ ଓ ଢେମ୍‌ସା ନୃତ୍ୟ, ଲାଞ୍ଜିଆ ସଉରାଙ୍କ ବେଣ୍ଟ ପରବ ନୃତ୍ୟ, ଭୂମିଜ ଜନଜାତିଙ୍କ କରମା ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଜାନୁଆରୀ ୨୭ ତାରିଖ ଦିନ କୋହ୍ଲ ଜନଜାତିଙ୍କ ବା ପରବ ନୃତ୍ୟ, ଭୋତଡ଼ା ଜନଜାତିଙ୍କ ବାଲି ପରବ ନୃତ୍ୟ, ବଣ୍ଡା ଜନଜାତିଙ୍କ ଚଇତି ଯାତ୍ରା ନୃତ୍ୟ, ଭୂୟାଁ ଜନଜାତିଙ୍କ ଚାଙ୍ଗୁ ନୃତ୍ୟ ପରିବେଷଣ କରାଯାଇଥିଲା । ଜାନୁଆରୀ ୨୮ ତାରିଖ ଦିନ ଧୂରୁବା ଜନଜାତିର ଭାଲକୁଣ୍ଡ ନୃତ୍ୟ, ମୁଣ୍ଡା ଜନଜାତିଙ୍କ କରମା ନୃତ୍ୟ, ଓରାଓଁ ଜନଜାତିଙ୍କ କରମା ନୃତ୍ୟ, ପରଜା ଜନଜାତିଙ୍କ କିନ୍‌ଡିରି ନୃତ୍ୟ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ ପ୍ରଦର୍ଶିତ ହୋଇଥିଲା । ଜାନୁଆରୀ ୨୯ ତାରିଖ ଦିନ ଲାଞ୍ଜିଆ ସଉରା ଜନଜାତିଙ୍କ ବେଣ୍ଟ ପରବ ନୃତ୍ୟ, କିଷାନ ଜନଜାତିଙ୍କ ଫାଗ ନୃତ୍ୟ, ମୁଣ୍ଡା ଜନଜାତିଙ୍କ ଇନ୍ଦ୍ ନୃତ୍ୟ ଭର୍ଚୁଆଲ୍ ମୋଡ୍‌ରେ ପରିବେଷଣ କରାଯାଇଥିଲା ।

ଶହୀଦ ଦିବସ ଅବସରରେ ଜାନୁଆରୀ ୩୦ ତାରିଖ ଦିନ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଜାନୁଆରୀ ୩୧ ତାରିଖ ଦିନ ଦର୍ଶକମାନେ ଡାଙ୍ଗିରୀ ନୃତ୍ୟ, ହୋଲି ନୃତ୍ୟ, ବିରିଲି ନୃତ୍ୟ ଆଦି ଉପଭୋଗ କରିଥିଲେ ।

ଆଜି ଅର୍ଥାତ୍ ଫେବୃଆରୀ ୧ ତାରିଖ ଦିନ ଦର୍ଶକମାନେ ଓଡ଼ିଶାର ଗଦବା ଜନଜାତିଙ୍କର ଢେମ୍‌ସା ନୃତ୍ୟ, ମଣିପୁରର 'କୁକି' ଜନଜାତିଙ୍କର ଜୁଇଲେ କୋନ୍ ନୃତ୍ୟ, ମଣିପୁରର 'କୁକି' ଜନଜାତିଙ୍କର ଟାପାଚାନ୍ ନୃତ୍ୟ, ନାଗାଲ୍ୟାଣ୍ଡର ସନତାମ୍ ଜନଜାତିର ହାଣ୍ଟୁ ନୃତ୍ୟ, 'ଟି' ଜନଜାତିଙ୍କର ଝୁମର ନୃତ୍ୟ ପ୍ରଦର୍ଶିତ ହେବ । ଆସନ୍ତାକାଲି ଅର୍ଥାତ୍ ଫେବୃଆରୀ ୨ ତାରିଖ ଦିନ ସର୍ବସାଧାରଣ ଆଦିବାସୀ ମେଳା ୱେବ୍‌ସାଇଟ୍‌ରେ ଗୁଜୁରାଟ୍‌ର ଡାଙ୍ଗି ଜନଜାତିଙ୍କର ହୋଲି ଡ୍ୟାନ୍ସ, ଓଡ଼ିଶାର କନ୍ଧ ଜନଜାତିର ଢାପ ଡ୍ୟାନ୍ସ, ମଣିପୁରର କୁକି ଜନଜାତିଙ୍କର ଜୁଇଲେକୋନ୍ ଡ୍ୟାନ୍ସ, ଓଡ଼ିଶାର କନ୍ଧ ଜନାଜାତିଙ୍କର ଟାପାଚନ୍ ନୃତ୍ୟ, ନାଗାଲ୍ୟାଣ୍ଡର ସାଙ୍ଗତୁମ୍ ଜନଜାତିଙ୍କର ୱାର୍ ଡ୍ୟାନ୍ସ, ମହାରାଷ୍ଟ୍ରର ଥାକର ଜନଜାତିଙ୍କର ଢୋଲ ନୃତ୍ୟକୁ ଭର୍ଚୁଆଲ୍ ମୋଡ୍‌ରେ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ୭ ଟା ପର୍ଯ୍ୟନ୍ତ ଜନସାଧାରଣ ଉପଭୋଗ କରିପାରିବେ । ବିଭିନ୍ନ ଜନଜାତିଙ୍କ ନୃତ୍ୟ ପ୍ରଦର୍ଶନ ଦେଖି ସେମାନଙ୍କ ସଂସ୍କୃତି ଓ ପରମ୍ପରା ସଂପର୍କରେ ଜ୍ଞାନ ଆହରଣ କରିପାରିବେ ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ